The Odisha Gazette

EXTRAORDINARY

PUBLISHED BY AUTHORITY

No. 2846 CUTTACK, THURSDAY, DECEMBER 14, 2023/MARGASIRA 23, 1945

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ ୩ ନଭେମ୍ବର ୨୦୨୩

ସଂଖ୍ୟା ୩୮୪୨—ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳ ରାୟଗଡାଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ଆନ୍ଦୁପାଡୁ, ଥାନା ରାୟଗଡା, ନଂ. ୦୬, ତହସିଲ କୋଲନରା, ଜିଲ୍ଲା ରାୟଗଡାରେ ନିମ୍ନସୂଚିତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କୋରାପୁଟ-ସିଙ୍ଗାପୁର ରୋଡ ଦୋହରିକରଣ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରାୟ ଏ.୦.୩୫୦ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 414/ ତା 15- 02- 2023 ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ଆନ୍ଦୁପାଡୁ, ଥାନା ରାୟଗଡା ନଂ. ୦୬, ତହସିଲ କୋଲନରା, ଜିଲ୍ଲା ରାୟଗଡାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରକାଶନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.Rayagada.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମିର ନକ୍ସା ଭୂ-ଅର୍ଜନ ଅଧିକାରୀ, କୋଲନରା, ଜିଲ୍ଲା ରାୟଗଡା କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-"କ''

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- ରାୟଗଡା                ତହସିଲ- କୋଲନରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତାଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ଆନ୍ଦୁପାଡୁ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ୦.୩୫୦ | ୦.୩୫୦ | ଏଥିସହିତ ସଂଲଗ୍ନ ଅଛି |

ଅଧିସୂଚନାର ବୈଧ ତାରିଖ—

ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ | ଗ୍ରାମ | ଗ୍ରା.ପ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪ | ୨୨ | ଆନ୍ଦୁପାଡୁ | ଗାଡିଶେଷ ଖାଲ | ୦.୩୫୦ | ୦.୩୫୦ | ଧାନ ଦୁଇ | ମିଣିଆକା ଜାଡପତି, ପି- ମିଣିଆକା ଟିକାନା, ମିଣିଆକା ଜଗନ୍ନା, ପି- ମଣିଆକା ଘାସି |
| | | | | ମୋଟ ଏ | ୦.୩୫୦ | ୦.୩୫୦ | | |

ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,
କୋଲନରା, ଜିଲ୍ଲା- ରାୟଗଡା

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱଧା ଦେବ ସିଂ
ଜିଲ୍ଲାପାଳ, ରାୟଗଡା

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.2131—173+9